# ଏବଂ

ଏବଂ ଫେରି ପାଇଲିନି
ଚରି ଯାଇଥିବା ବିଗତ ରାତି
ବେପାରୁଆ ଘରର ଉଜୁଡାସ୍ୱପ୍ନ
ଅଳସ ଭାଙ୍ଗିଥିବା କଅଁଳ ଯୌବନ ।।୧

ଏବଂ ରଖିପାରିଲିନି
ଅଭିଶପ୍ତ ଭୀଷ୍ମ ପ୍ରତିଜ୍ଞା
ଧର୍ଷିତାର କୁମାରୀତ୍ୱପଣ
ମତୁଆଲର ବେସୁରା ମନ ।।୨

ଏବଂ ଭାଙ୍ଗିପାରିଲିନି
ସପ୍ତରଥିଙ୍କ କୁଟ ଚକ୍ରବ୍ୟୁହ
କୁରୁସଭାର ପାଶବିକ ନୀରବତା
ଅପ୍ରାପ୍ୟ ମାୟା ମରିଚୀକା ।।୩

ଏପରି ଅପାରୁଆପଣରେ
ଭଲପାଇବା ବାହାନାରେ
ଏନେକ ଏବଂ
ତୁମ ପାଇଁ
ଏବଂ ତୁମରୁ ହିଁ ଏବଂ ।।୪

ଦିଗମ୍ବର ପାତ୍ର